| | | | | | | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| O | R | R | M | K | S | P | - | A | G | R | I | 0 | 0 | 0 | **0** | **0** | **0** | **3** | **0** | **0** | **0** | **0** |

## ୧. ଗୋଷ୍ଠୀ ସାଧନ ବ୍ୟକ୍ତି କିଏ ହୋଇପାରିବ ?

୧.୧ ସାଧାରଣତଃ ସାଧନ ବ୍ୟକ୍ତି ଜଣଙ୍କ ଯେଉଁ ୨ ରୁ ୩ ଟି ମହିଳା ଉତ୍ପାଦନକାରୀ ଦଳଗୁଡ଼ିକ ପାଇଁ କାମ କରିବେ ସେହି ଦଳଗୁଡ଼ିକ ଯେଉଁ ଗ୍ରାମରେ ଅବସ୍ଥିତ ସେହି ଗ୍ରାମ ମଧ୍ୟରୁ ଗୋଟିଏ ଗ୍ରାମର ବାସିନ୍ଦା ହୋଇଥିବା ଆବଶ୍ୟକ ।

୧.୨ ପ୍ରାଥମିକ ସ୍ତରରେ ଏହି କାମ ପାଇଁ ଜଣେ ମହିଳା ହେଲେ ଭଲ । ଯଦି ଦଳଗୁଡ଼ିକ ଥିବା ଗ୍ରାମ ଗୁଡ଼ିକରେ ଯୋଗ୍ୟ ବ୍ୟକ୍ତି ମହିଳା ନ ମିଳନ୍ତି ତେବେ ପାଖ ଗ୍ରାମ ଅଥବା ସେହି ପଚାଂୟତର କୌଣସି ଗ୍ରାମର ବାସିନ୍ଦା ହେଲେ ଭଲ ।

୧.୩ ଅନ୍ତତଃ ପକ୍ଷେ ସାଧନ ବ୍ୟକ୍ତି ଜଣଙ୍କ ଲେଖା ପଢ଼ା ଜାଣିଥିବା ଆବଶ୍ୟକ ଦଳଗୁଡ଼ିକର ବୈଠକ ବିବରଣୀ ଲେଖି ପାରୁଥିବେ । ଓଡ଼ିଆରେ ଦସ୍ତଖତ କରୁଥିବେ ଓ ଦରଖାସ୍ତ ଲେଖି ପାରୁଥିବେ । ଯେହେତୁ ଏହି ସବୁ ଗ୍ରାମଗୁଡ଼ିକରେ ଆଗରୁ ବିହନ ମା'ମାନେ ଚିରନ୍ତନ କୃଷି କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ ତେଣୁ ଯେଉଁ ଗ୍ରାମ ଗୁଡ଼ିକରେ ବହୁତ ଭଲ ବିହନ ମା' ଥିବେ ଓ ତାଙ୍କୁ ମହିଳା କୃଷକମାନେ ଯଦି ମାନୁ ଥାଆନ୍ତି, ତେବେ ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କ ମତାମତ ନେଇ ତାଙ୍କୁ ଚୟନ କରାଯାଇ ପାରିବ । ଏହି କ୍ଷେତ୍ରରେ ମା'ଟି ଲେଖା ପଢ଼ା ଜାଣି ନଥିଲେ ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତି ତାଙ୍କୁ କାଗଜ ପତ୍ର ପ୍ରସ୍ତୁତ ଓ ପରିଚାଳନାରେ ସାହାଯ୍ୟ କରିବେ ।

୧.୪ ସ୍ୱାଧୀନ ଭାବେ ଯାତାୟତ କରିପାରୁଥିବେ ଓ ଗ୍ରାମ ଠାରୁ ପଂଚାୟତ ପର୍ଯ୍ୟନ୍ତ ଯିବା ଆସିବା କରିବାର ଅଭ୍ୟାସ ଥିବା ଆବଶ୍ୟକ ।

୧.୫ ସାଧନ ବ୍ୟକ୍ତି ଜଣଙ୍କ ନିଜ ଜମିରେ ଚାଷକାମ କରୁଥିବା ମଧ୍ୟ ଆବଶ୍ୟକ । ଚାଷ ବିଷୟରେ ବ୍ୟବହାରିକ ଜ୍ଞାନ ଥିବା ମଧ୍ୟ ଦରକାର, ନିଜ ଅଂଚଳର ବିହନ, ଚାଷ ପ୍ରଣାଳୀ, ଆଦିବାସୀଙ୍କ ଖାଦ୍ୟ ଉତ୍ପାଦନର ଧାରା ଓ ପାରମ୍ପରିକ ଚାଷ ଜ୍ଞାନ ଧାରଣା ଗୁଡ଼ିକ ଆମ କାମକୁ ବହୁତ ସାହାଯ୍ୟ କରିବ ।

୧.୬ ସାଧନ ବ୍ୟକ୍ତି ଜଣଙ୍କ କୌଣସି ଚାକିରୀ ଖୋଜୁ ନଥିବେ । ନିଜ ଗ୍ରାମ ଛାଡ଼ି ବାହାରକୁ ପଳାଇବାର ଅଭିସନ୍ଧି ନଥିବା ଦରକାର ।

୧.୭ ଏହା ଏକ ସ୍ୱେଚ୍ଛାସେବୀ କାମ ଓ କୌଣସି ଚାକିରୀ ନୁହେଁ ତେଣୁ ନିଜ ଗ୍ରାମର ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗ୍ରହ ଥିବା ଦରକାର

୧.୮ ସ୍ୱୟଂ ସହାୟକ ଦଳର ଜଣେ ସଭ୍ୟା ମଧ୍ୟ ଏହି କାମ ପାଇଁ ଯୋଗ୍ୟ । ଗୋଷ୍ଠୀ ସାଧନ ବ୍ୟକ୍ତି ଜଣକ କୌଣସି ଉତ୍ପାଦନକାରୀ ଦଳର କାର୍ଯ୍ୟକାରିଣି କମିଟିର ସଭ୍ୟା ହୋଇନଥିବେ କିମ୍ବା କୌଣସି ପଦ ପଦବୀରେ ଅଧିଷ୍ଠିତ ନଥିବେ । ଗୋଷ୍ଠୀ ସାଧନ ବ୍ୟକ୍ତି ଜଣକ କୌଣସି ରାଜନୀତି ଦଳର କାର୍ଯ୍ୟକାରିଣି କମିଟିର ସଭ୍ୟା ହୋଇନଥିବେ କିମ୍ବା କୌଣସି ପଦ ପଦବୀରେ ଅଧିଷ୍ଠିତ ନଥିବେ ।

**୨. ଚିହ୍ନଟ ହେବା ପ୍ରକ୍ରିୟା :**

୨.୧ ଉତ୍ପାଦନକାରୀ ଦଳଗୁଡ଼ିକ ତିଆରି ହେବା ପରେ ପରେ ଦଳଗୁଡ଼ିକ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କୁ ଚିହ୍ନଟ କରିବେ ଓ ଉକ୍ତ ବ୍ୟକ୍ତିଙ୍କୁ ସାଧନ ବ୍ୟକ୍ତି ଭାବେ ଗ୍ରହଣ କରୁଛନ୍ତି ବୋଲି ନିଜ ଦଳ ବୈଠକ ବିବରଣୀରେ ନିର୍ଦ୍ଦିଷ୍ଟ ଭାବେ ଏ ବିଷୟ ଲେଖିଥିବା ଆବଶ୍ୟକ ।

୨.୨ ସାଧନ ବ୍ୟକ୍ତି ଜଣଙ୍କ ବୟସ ୧୮ ବର୍ଷ ରୁ ଊର୍ଦ୍ଧ୍ୱ ହୋଇଥିବେ । ଉତ୍ପାଦନକାରୀ ଦଳର କାର୍ଯ୍ୟକାରୀଣି କମିଟି ବା କୌଣସି ପଦପଦବୀରେ ନଥିବେ ।

୨.୩ ସାଧନ ବ୍ୟକ୍ତି ଜଣଙ୍କର ଶିକ୍ଷାଗତ ଓ ବିଗତଦିନର ପେଷା ଭିତିକ ଯୋଗ୍ୟତା ଓ ଦକ୍ଷତା ଇତ୍ୟାଦି ଲେଖାଥାଇ ଏକ କାଗଜରେ ତାଙ୍କ ଦସ୍ତଖତ ହେବା ଆବଶ୍ୟକ, ଏହି କାଗଜରେ ତାଙ୍କର ଦୁଇ ଗୋଟି ଫଟୋ ଲାଗିବା ଆବଶ୍ୟକ ।

୨.୪ ତାଙ୍କର ସରକାରଙ୍କ ଦ୍ୱାରା ପ୍ରଦତ କୌଣସି ପରିଚୟ ପତ୍ରର ନକଲ ଉପରେ ତାଙ୍କର ଦସ୍ତଖତ ଯଥା - ଭୋଟର କାର୍ଡ଼, ବି.ପି.ଏଲ୍. କାର୍ଡ଼, ଶ୍ରମ କାର୍ଡ଼, ବ୍ୟାଙ୍କ ପାସ୍‌ବୁକ୍, ଜମି ପଟ୍ଟା ଇତ୍ୟାଦି ।

୨.୫ କେଉଁ ମହିଳା ସ୍ୱୟଂସହାୟକ ଦଳ ଗୁଡ଼ିକ ପାଇଁ କାମ କରିବେ ତାର ନାମ ଗୁଡ଼ିକ ମଧ୍ୟ ଏହି କାଗଜରେ ଲେଖା ହେବା ଆବଶ୍ୟକ ।

**୩. ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କ କାମ କରିବା ଧାରା :**

୩.୧ ନିର୍ଦ୍ଧାରିତ କାର୍ଯ୍ୟ ସଂପାଦନା ପ୍ରୋତ୍ସାହନ ରାଶି ଅନୁଯାୟୀ ବିଭିନ୍ନ ପ୍ରକାର କାର୍ଯ୍ୟ ପାଇଁ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।

୩.୨ ପ୍ରତ୍ୟେକ ମାସ ଆରମ୍ଭରେ ପଂଚାୟତ ସ୍ତରୀୟ ବୈଠକ କରି ସାଧନ ବ୍ୟକ୍ତିମାନଙ୍କ କାମ ଯୋଜନା ତିଆରି କରାଯିବା ଆବଶ୍ୟକ । ଏହି ବୈଠକରେ ସେମାନଙ୍କର ମାସିକ କାମ (ଗଲା ମାସ) କୁ ମଧ୍ୟ ସମୀକ୍ଷା/ଆଲୋଚନା କରାଯିବା ଆବଶ୍ୟକ ।

୩.୩ ଏହି ମାସିକ ବୈଠକରେ ଉତ୍ପାଦନକାରୀ ଦଳ ଗୁଡ଼ିକର ୨ ସଦସ୍ୟ ମଧ୍ୟ ଉପସ୍ଥିତ ରହିବା ଆବଶ୍ୟକ ।

୩.୪ ସାଧନ ବ୍ୟକ୍ତିଙ୍କ ମାସିକ କାର୍ଯ୍ୟ ବିବରଣୀକୁ ଉତ୍ପାଦନ ଦଳର ସଭାପତି/ସମ୍ପାଦକଙ୍କ ଦ୍ୱାରା ଆଦୃତ କରିବା ଆବଶ୍ୟକ ।

୩.୫ ଉତ୍ପାଦକ ଦଳ ନେତୃ ବୃନ୍ଦଙ୍କ ଦସ୍ତଖତ ସମ୍ବଳିତ ଲେଖା ପ୍ରାପ୍ତି ପରେ ତାଙ୍କୁ ତାଙ୍କର ସିମିତ ପ୍ରୋତ୍ସାହନ ରାଶି "ଓରୀସା" ଅନୁଷ୍ଠାନ ଦ୍ୱାରା ପରିଚାଳିତ "ମହିଳା କୃଷକ ସଶକ୍ତିକରଣ ପ୍ରକଳ୍ପ" ପ୍ରଦାନ କରିବ ।

୩.୬ ସାଧନ ବ୍ୟକ୍ତିଙ୍କୁ ତାଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମିତ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାରର ତାଲିମ 'ଓରୀସା' ଦ୍ୱାରା ପରିଚାଳିତ ମହିଳା କୃଷକ ସଶକ୍ତିକରଣ ପ୍ରକଳ୍ପ ପ୍ରଦାନ କରିବ ।

୩.୭ ସାଧନ ବ୍ୟକ୍ତି (ପ୍ରତ୍ୟେକଙ୍କୁ ଅଲଗା) ବାର୍ଷିକ କାମ ହାସଲ ଚିଠା ପ୍ରସ୍ତୁତ କରି ପ୍ରତ୍ୟେକଙ୍କ କାମକୁ ବାର୍ଷିକ ମୂଲ୍ୟାୟନ କରାଯିବ ।

୩.୮ ପ୍ରତ୍ୟେକ ସାଧନ ବ୍ୟକ୍ତି କାମ କରିବା ପୂର୍ବରୁ "ଓରୀସା" ଅନୁଷ୍ଠାନ ଦ୍ୱାରା ପରିଚାଳିତ ମହିଳା କୃଷକ ସଶକ୍ତିକରଣ ପ୍ରକଳ୍ପ ଓ ସ୍ଥାନୀୟ ଉତ୍ପାଦନ ଦଳ ସହିତ ଏକ ତ୍ରୀପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷର କରିବେ ।